ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/SME(OD)/531/23-09-2025

# ୧୦୨ ଟି ନୂତନ ଉନ୍ନୀତ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, ୨୩ ସେପ୍ଟେମ୍ବର ୨୦୨୫:

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ (DHSE) ଆନୁକୂଲ୍ୟରେ ୧୦୨ ଗୋଟି ନୂତନ ଉନ୍ନୀତ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଓ ୧୭ ଟି ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ଦିବସୀୟ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କୃଷି ଭବନସ୍ଥିତ ଅଡିଟୋରିୟମ୍ ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଅଧକ୍ଷ ଶ୍ରୀଯୁକ୍ତ ମୃଣାଳକାନ୍ତି ଦାଶ, ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିରେନ୍ଦ୍ର କରକରା, ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଆଞ୍ଚଳିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରମେଶଚନ୍ଦ୍ର ସେଠୀ, ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଦିଗଦର୍ଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ । ସେହିପରି ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ କରକରା ଉପସ୍ଥିତ ରହି ଅଧକ୍ଷମାନଙ୍କ ସହ ନିଜର ଅନୁଭୂତି ବାଣ୍ଟିବା ସହ ପୂର୍ବରୁ ଉନ୍ନୀତ ହୋଇଥିବା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବା ନେଇ ପାଇଁ କହିଥିଲେ । ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଅଧକ୍ଷ ଶ୍ରୀଯୁକ୍ତ ଦାଶ ଉପସ୍ଥିତ ରହି ଶିକ୍ଷାଦାନର ଗୁରୁତ୍ୱ ସମ୍ପର୍କରେ ସୂଚାଇ ଥିଲେ ।

ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ ଦକ୍ଷତା ଭିତ୍ତିକ ଶିକ୍ଷାଦାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମନିଯୁକ୍ତ କରିବା ପାଇଁ ସେମାନଙ୍କୁ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଶିକ୍ଷାଦାନ କରିବା ପାଇଁ ଏହି କର୍ମଶାଳା ଅନେକ ସୁଯୋଗ ଆଣିଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଉପ-ନିର୍ଦ୍ଦେଶକ ଶ୍ରୀଯୁକ୍ତ ମଧୁସୂଦନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ, କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ SAMS ମାଧମରେ ଇ-ଆଡମିଶନ ୨୦୨୫-୨୬ ଓ ଉନ୍ନୀତ ଉଚ୍ଚ ମାଧମିକ ବିଦ୍ୟାଳୟ ପାଇଁ ଫି ଷ୍ଟ୍ରକ୍ଚର ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରେ ପରେ କ୍ୟାରିଅର ପରାମର୍ଶ ଓ ୱେବିନାର ଉପରେ ଏକ ଅଧିବେଶନ କରାଯାଇଥିଲା । ଏହାପରେ ଛାତ୍ରବୃତ୍ତି ବିଷୟ ଉପରେ ଆଲୋଚନା ହୋଇଥିଲା । ସମଗ୍ର ଶିକ୍ଷା, ସ୍କୁଲ ପ୍ରଶାସନ ଏବଂ ପରିଚାଳନା ଉପରେ ଆଲୋଚନା ହୋଇଥିଲା । ଶେଷ ଅଧିବେଶନରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ Split up ପାଠ୍ୟକ୍ରମ ଉପରେ ଧ୍ୟାନ ଦିଆଯାଇଥିଲା ।

ରୋଜାଲିନ୍ ସାହୁ
ଲୋକସମ୍ପର୍କ ଅଧିକାରୀ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ